# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**19 January - 2025**

**News Editor *: Satya Narayan Pattanaik***

************************************

## ମୁଖ୍ୟ ସମ୍ବାଦ

- ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ଷ୍ଟାର୍ଟ-ଅପ୍ ଇଣ୍ଡିଆ ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି : କହିଲେ ପ୍ରଧାନମନ୍ତ୍ରୀ ।

  - ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କଲେ ଶ୍ରୀ ମୋଦୀ ।

- ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଆସନ୍ତାକାଲି ନେବେ ଦାୟିତ୍ୱ ।

- ଚଳିତ ବର୍ଷ ଶୀତଋତୁରେ ରାଜ୍ୟର ବିଭିନ୍ନ ଜଳାଶୟ ଓ ପ୍ରାଣୀଉଦ୍ୟାନକୁ ୨୦୦ ପ୍ରଜାତିର ୧୫ ଲକ୍ଷ ପକ୍ଷୀ ଆସିଛନ୍ତି ।

ଏବଂ

- ସୁବର୍ଣ୍ଣପୁରଠାରେ ୩୬ତମ ସର୍ବଭାରତୀୟ ଲାଲ୍ ମନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ହେଲା ଆରମ୍ଭ ।

# ମନ୍ କି ବାତ୍

ଆଧୁନିକ ମହାକାଶ ପ୍ରଯୁକ୍ତି ବିଦ୍ୟାରେ ଭାରତର ସଫଳତା ସହିତ ଘରୋଇ ମହାକାଶ କ୍ଷେତ୍ରରେ ବୃଦ୍ଧି ପାଉଥିବା ସମ୍ଭାବନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି। ଆକାଶବାଣୀର 'ମନ୍ କି ବାତ୍'ର ୧୧୮ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ବର୍ଷ ଆରମ୍ଭରୁ ଭାରତ ଅନ୍ତରୀକ୍ଷ କ୍ଷେତ୍ରରେ ଅନେକ ଐତିହାସିକ ସଫଳତା ହାସଲ କରି ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ସ୍ପାଡେକ୍ସ ମିଶନ ଅଧିନରେ ସାଟେଲାଇଟ୍ ଡକିଂ ସଫଳତାର ସହ ଶେଷ କରି ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନ ହାସଲ କରିଛି।

ଆସନ୍ତା ରବିବାର ଦିନ ପାଳନ ହେବାକୁ ଥିବା ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଏବଂ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମ୍ବିଧାନ ପ୍ରସ୍ତୁତି ଏବଂ ପ୍ରଣୟନରେ ଯୋଗଦାନ କରିଥିବା ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ସମେତ ସମ୍ବିଧାନ ସଭା ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ସ୍ମରଣ କରିଛନ୍ତି।

ଆସନ୍ତା ୨୫ ତାରିଖରେ ଦେଶରେ ମତଦାତା ଦିବସ ପାଳନ କରାଯିବ। ଜାତୀୟ ଭୋଟର ଦିବସର ଗୁରୁତ୍ୱକୁ ପ୍ରଧାନମନ୍ତ୍ରୀ ତାଙ୍କର ଅଭିଭାଷଣରେ ଆଲୋକପାତ କରି କହିଥିଲେ, ଏହି ଦିନ ଭାରତର

ନିର୍ବାଚନ ଆୟୋଗ ଗଠିତ ହୋଇଥିଲା । ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚନ କମିଶନଙ୍କ ଭୂମିକା ଏବଂ ଅବଦାନକୁ ପ୍ରଧାନମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି । ଆଧୁନିକ ଜ୍ଞାନକୌଶଳ ଉପଯୋଗ ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟା ଅଧିକ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ହେବା ସହ ଗଣତନ୍ତ୍ର ଅଧିକ ସୁଦୃଢ଼ ଓ ସମୃଦ୍ଧ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/o -**

ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭ ମେଳା ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସାମ୍ୟ ଓ ସଂପ୍ରୀତିର ଏହା ହେଉଛି ଏକ ଅସାଧାରଣ ସମ୍ମେଳନ । ଏହି ମେଳା ବିବିଧତା ମଧ୍ୟରେ ଏକତାକୁ ପ୍ରତିପାଦିତ କରୁଛି ।

ଏହି ଅବସରରେ ଅଯୋଧ୍ୟା ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପର୍ବର ପ୍ରଥମ ବାର୍ଷିକୀ ପାଳନକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଛନ୍ତି । ଦେଶର ଐତିହ୍ୟକୁ ସଂରକ୍ଷିତ ରଖିବା ସହିତ ବିକାଶ ପଥରେ କାର୍ଯ୍ୟ କରିବା ସମୟରେ ସେଥିରୁ ପ୍ରେରଣା ନେବାପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଚଳିତବର୍ଷ ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନର ୯ ବର୍ଷ ପୂର୍ତ୍ତି ପାଳନକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତୀୟ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବାରେ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

**V/o -**

ଆସନ୍ତା ୨୩ ତାରିଖରେ ନେତାଜୀ ସୁଭାସଚନ୍ଦ୍ର ବୋଷଙ୍କ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ପାଳନ କରାଯିବା ନେଇ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ ନେତାଜୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ନେତାଜୀଙ୍କ ଜୀବନାଦର୍ଶକୁ ଅନୁକରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି।

***Desk***

# ମୁଖ୍ୟ ବିଚାରପତିଙ୍କ ଅବସର

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଆସନ୍ତାକାଲିଠାରୁ ଦାୟିତ୍ୱ ନେବେ। ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଆଜି ତାଙ୍କ ଦାୟିତ୍ୱରୁ ଅବସର ନେଇଛନ୍ତି। ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ କେନ୍ଦ୍ର ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି।

***Desk***

# ପକ୍ଷୀଗଣନା

ଚଳିତ ବର୍ଷ ଶୀତଋତୁରେ ରାଜ୍ୟର ବିଭିନ୍ନ ଜଳାଶୟ ଏବଂ ପ୍ରାଣୀ ଉଦ୍ୟାନକୁ ପ୍ରାୟ ୨୦୦ ପ୍ରଜାତିର ୧୫ ଲକ୍ଷ ପକ୍ଷୀ ଆସିଥିବା ଜଣାପଡ଼ିଛି। ଚିଲିକା, ହୀରାକୁଦ ଓ ଭିତରକନିକାରେ ପକ୍ଷୀଗଣନା ଶେଷ ହୋଇଛି। ପୂର୍ବ ବର୍ଷ ତୁଳନାରେ ଚଳିତ ଶୀତଋତୁରେ ଚିଲିକାକୁ ୧୯୬ ପ୍ରଜାତିର ୧୧ ଲକ୍ଷ ୨୭ ହଜାର ପକ୍ଷୀ ଆସିଥିବା ଜଣାପଡ଼ିଛି। ଏହାମଧ୍ୟରୁ ବିଦେଶାଗତ ୧୦୯ ପ୍ରଜାତିର ୧୦ ଲକ୍ଷ ୮୭ ହଜାର ପକ୍ଷୀ ଥିବା ଗଣନାରୁ ଜଣାପଡ଼ିଛି। ସେହିଭଳି ୮୭ ପ୍ରଜାତିର ୪୦ ହଜାର ଦେଶୀୟ

ପକ୍ଷୀ ମଧ୍ୟ ଚିଲିକାରେ ଚିହ୍ନଟ ହୋଇଛନ୍ତି। ନଳବଣକୁ ୯୨ ପ୍ରଜାତିର ୩ ଲକ୍ଷ ୪୩ ହଜାର ପକ୍ଷୀ ଆସିଥିବା ଗଣନାରୁ ଜଣାପଡ଼ିଛି। ସେହିଭଳି ହୀରାକୁଦକୁ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ପକ୍ଷୀ ଆସିଥିବାବେଳେ ଭିତରକନିକାକୁ ୧୧୮ ପ୍ରଜାତିର ୧ ଲକ୍ଷ ୫୧ ହଜାର ପକ୍ଷୀ ଆସିଥିବା ଗଣନା ରିପୋର୍ଟରୁ ଜଣାପଡ଼ିଛି।

***Desk***

## କୋରାପୁଟ ବନଖଣ୍ଡରେ ପକ୍ଷୀ ଚିହ୍ନଟ

କୋରାପୁଟ ବନଖଣ୍ଡର ୬ଟି ରେଂଜ୍‌ର ୨୫ଟି ସ୍ଥାନରେ ହୋଇଥିବା ପକ୍ଷୀଗଣନାରେ ୪୦ଟି ବିଭିନ୍ନ ପ୍ରଜାତିର ୫ ହଜାର ୪୧୩ଟି ପକ୍ଷୀ ଚିହ୍ନଟ କରାଯାଇଛି। କୋରାପୁଟ ବନାଞ୍ଚଳର କୋଲାବ ଜଳଭଣ୍ଡାର, ଦାମନଯୋଡି ଆସ୍‌ପଣ୍ଡ, ଡଙ୍ଗରି ମାଳିଗୁଡ଼ା, ବାଗ୍ରା ଡ୍ୟାମ୍, ରାଣୀ ଡ୍ୟାମ୍ ପ୍ରଭୃତି ୫ଟି ସ୍ଥାନରେ ପକ୍ଷୀଗଣନା କରାଯାଇଥିବାବେଳେ ଏହିସବୁ ସ୍ଥାନରେ ୨ ହଜାର ୧୨ଟି ପକ୍ଷୀ ଚିହ୍ନଟ ହୋଇଛନ୍ତି। ବ୍ରାହ୍ମଣୀସିଲଡ୍ର ଚକୁଆରେ ୯୭୯ଟି ପକ୍ଷୀ ଚିହ୍ନଟ ହୋଇଛନ୍ତି ବୋଲି ବନାଞ୍ଚଳ ଅଧିକାରୀ ଏସ୍.କେ. ପାହାଡ଼ସିଂହ କହିଛନ୍ତି।

***Kendrapara***

## ଜଳପକ୍ଷୀ ଗଣନା

କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ପଶ୍ଚିମ ଏଲ୍ ଡିଭିଜନ୍‌ରେ ଶୀତକାଳୀନ ଜଳପକ୍ଷୀ ଗଣନାରୁ ମିଳିଥିବା ସୂଚନା ଅନୁସାରେ ଚଳିତ ବର୍ଷ ମୋଟ ୧ ଲକ୍ଷ ୫୧ ହଜାର ୬୧୪ ପକ୍ଷୀ ଆସିଥିବା ଜଣାପଡ଼ିଛି। ଗତବର୍ଷ ତୁଳନାରେ ପକ୍ଷୀଙ୍କ ସଂଖ୍ୟା ୧୯୩କୁ ବୃଦ୍ଧି ପାଇଛି। ପକ୍ଷୀମାନଙ୍କ ଭିତରେ

କମ୍‌ସିଟି ବତକ ୪୪ ହଜାର ୮୨୫ ଥିବାବେଳେ ନର୍ଦ୍ଦର୍ଣ୍ଣ ପିଣ୍ଟେଲ୍ ପକ୍ଷୀ ୧୮ ହଜାର ୭୭୬ ଥିବାର ଆମ ସମ୍ବାଦଦାତା ଜଣାଇଛନ୍ତି।

***Desk***

# ପିଏମ୍ ଆବାସ ଗ୍ରାମୀଣ ଯୋଜନା

ରାଜ୍ୟରେ ଥିବା ବାସହୀନ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ଘର ଯୋଗାଇଦେବା ପାଇଁ ଆସନ୍ତା ବୁଧବାର ୨୨ ତାରିଖରୁ ସର୍ଭେ ଆରମ୍ଭ ହେବ। ଆସନ୍ତା ମାର୍ଚ୍ଚମାସ ୩୧ ତାରିଖ ପର୍ଯ୍ୟନ୍ତ ସର୍ଭେ ଚାଲିବ। ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ସାମିଲ କରିବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ନଭେମ୍ବର ୨୭ ଓ ଡିସେମ୍ବର ୨୭ ତାରିଖରେ ଜାରି କରିଥିବା ମାର୍ଗଦର୍ଶିକାକୁ ପାଳନ କରିବା ପାଇଁ କୁହାଯାଇଛି। ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପଥପ୍ରାନ୍ତ ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯିବା ସହିତ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ଜଣାଇବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି।

***Koraput***

# କୋରାପୁଟରେ ଝାଡ଼ାବାନ୍ତି

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ସୁଣ୍ଡିଗୁଡା ଗ୍ରାମରେ ୨୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ଖବର ମିଳିବା ପରେ କୋରାପୁଟରୁ ଏକ

ସ୍ୱତନ୍ତ୍ର ମେଡିକାଲ ଦଳ ଯାଇ ଆକ୍ରାନ୍ତମାନଙ୍କ ଚିକିତ୍ସା କରୁଛନ୍ତି । ଏକ ସ୍ୱାସ୍ଥ୍ୟଶିବିର ଖୋଲାଯାଇ ଆକ୍ରାନ୍ତଙ୍କୁ ଔଷଧ ଦେବା ସହିତ ଅତ୍ୟାବଶ୍ୟକୀୟ ସ୍ୱାସ୍ଥ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି ।

***Subarnapur***

## ଲାଲ୍ ମନି କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସୁବର୍ଣ୍ଣପୁର ଜିଲ୍ଲା କ୍ରିକେଟ୍ ସଂଘ ପକ୍ଷରୁ ଗାନ୍ଧୀ ପଡ଼ିଆଠାରେ ଆଜି ୩୬ତମ ସର୍ବଭାରତୀୟ ଲାଲ୍ ମନି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ସୁନ୍ଦରଗଡ଼ର ନବଜୀବନ କ୍ରିକେଟ କ୍ଲବ, ସୁବର୍ଣ୍ଣପୁର ଜିଲ୍ଲା କ୍ରିକେଟ ସଂଘକୁ ୮ ଓ୍ୱିକେଟରେ ପରାସ୍ତ କରି ପରବର୍ତ୍ତୀ ମ୍ୟାଚ୍ ଖେଳିବାକୁ ଉନ୍ନୀତ ହୋଇଛି । ଆସନ୍ତାକାଲି ବିଜୟୀ ନବଜୀବନ କ୍ରିକେଟ୍ କ୍ଲବ ଓ ଏନ୍.ଏନ୍.ଏସ୍. ପ୍ରୟାଗରାଜ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜ୍ୟ ତଥା ରାଜ୍ୟ ବାହାରୁ ୯ଟି କ୍ରିକେଟ ଦଳ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି ।

***Desk***

## ହକି

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ବର୍ତ୍ତମାନ ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମଠାରେ ଓଡିଶା ଓ୍ୱାରିୟର୍ସ ଓ ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ ଚାଲିଛି ।  ସେହିପରି ପୁରୁଷ ବର୍ଗରେ କଳିଙ୍ଗ ଲାନସର୍ସ ଓ ଦିଲ୍ଲୀ ଏସ.ଜି. ପାଇପର୍ସ ମଧ୍ୟରେ ଆଉ କିଛି ସମୟ ପରେ ରାତି ୮ଟା ୧୫ ମିନିଟ୍‌ରେ ମ୍ୟାଚ ଖେଳାଯିବ ।

***Desk***

## ପାଣିପାଗ

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ କଟକ, ଖୋର୍ଦ୍ଧା, ପୁରୀ, ଝାରସୁଗୁଡ଼ା, କୋରାପୁଟ ଆଦି ଜିଲ୍ଲାର ଅଳ୍ପ କେତେକ ସ୍ଥାନରେ ଘନକୁହୁଡ଼ି ପରିଲକ୍ଷିତ ହେବ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ନୟାଗଡ଼ ଜିଲ୍ଲାରେ ଘନକୁହୁଡ଼ିର ଆଶଙ୍କା ନେଇ ସତର୍କ ସୂଚନା ଜାରି କରାଯାଇଛି ।